# aurAkashvani, Sambalpur

## SAMBALPURI NEWS BULLETIN

### 12 August 2025 - 6.47- 6.52 am.

*********************************************

କ୍ରପ୍ ୱେଦର୍ ୱାଚ୍ ବୈଠକ                I&PR

କୃଷି ବିଭାଗ ପ୍ରମୁଖ ଶାସନ୍ ସଚିବ ଡକ୍ଟର୍ ଅରବିନ୍ଦ ପାଢ଼ୀଙ୍କର୍ ଅଧ୍ୟକ୍ଷତାଥି ଭୁବ୍‌ନେଶ୍ୱର୍ କୃଷି ଭବନ୍ ଠାନେ କ୍ରପ୍ ୱେଦର୍ ୱାଚ୍ ବୈଠକ୍ ହେଇଯାଇଛେ । ବୈଠକ୍‌ଥି ରାଏଜେ ଫସଲ୍‌ର ଥିତି, ପାଣିପାଗ, ସାର୍ ଯୁଗାବାର୍ ଥିତି ବାବ୍‌ଦେ ଆଲୋଚନା କରାଯାଇଥିଲା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ଜନମ୍ ଦିନ୍ ଅବ୍‌ସରେ ରାଏଜେ ବହୁତ୍‌ଟେ ଗଛ୍ ଲଗାଯିବା । ଇ ଅଭିଯାନ୍‌ଥି କୃଷି ବିଭାଗ୍ ତର୍‌ଫୁ ୨୩ ଲାଖ୍ ଗଛ୍ ଲଗାବାର୍ ଲାଗି ବୈଠକ୍‌ଥି ନିଷ୍ପତି ନିଆଯାଇଛେ । କୃଷି ସମୃଦ୍ଧି ହେଲ୍ପଲାଇନ୍ ଜରିଏ ଚାଷୀମାନ୍‌କୁ ଚାଷ୍‌ବାସ୍ ଆଉ ଭିନ୍ ଭିନ୍ ସର୍‌କାରୀ ସୁବିଧା ସୁଯୋଗ୍ ବାବ୍‌ଦେ ଚାଷୀମାନ୍‌କୁ ସମିଆ ଜାନି ସୂଚ୍‌ନା ଦିଆଯାଉଛେ । ଆଏବା ଦିନେ ସାର ଯୋଗାଣକେ ବର୍‌କସ୍ କର୍‌ବାର୍ ଲାଗି ଆହୁରି ଅଏତ୍‌କା ରେଲ୍ ରେକ୍ ପଏଂଟ୍ ଲାଗି ବିଭାଗ୍ ତର୍‌ଫୁ ରେଲ୍ ମନ୍ତ୍ରଣାଲୟକେ ଚିଠି କରାଯାଇଛେ ବଲି ବୈଠକ୍‌ଥି ଡକ୍ଟର୍ ପାଢ଼ୀ କହିଛନ୍ ।

ପିଏମ୍ ଫସଲ୍ ବୀମା ଯୋଜ୍ନା      ଆର୍ଏନ୍ୟୁ/ ସମ୍ବଲପୁର

କେନ୍ଦ୍ର କୃଷିମନ୍ତ୍ରୀ ଶିବ୍ରାଜ୍ ସିଂ ଚୌହାନ୍ ଗଲାକାଏଲ୍ ପ୍ରଧାନ୍ମନ୍ତ୍ରୀ ଫସଲ୍ ବୀମା ଯୋଜ୍ନାର୍ ପହେଲା କିସ୍ତି ସାହାଜ୍ ଟଙ୍କା ଚାଷୀମାନ୍କୁ ଦେଇଛନ୍ । ଦେଶର୍ ୩୫ ଲାଖ୍ ନୁ ଅଏତ୍କା ଚାଷୀଙ୍କର୍ ବେଙ୍କ୍ ଖାତାକେ ୩ ହଜାର୍ ୯ ଶହ କୋଟିନୁ ଅଏତ୍କା ଟଙ୍କାର୍ ସାହାଜ୍ ଡିବିଟି ଜରିଏ ସିଧାସଲଖ୍ ଦିଆଯାଇଛେ । ଇ ଅବ୍ସରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ଚୌହାନ୍ ଫସଲ୍ ନୁକ୍ସାନ୍ ସହୁଥିବା ଫି ଚାଷୀଙ୍କର୍ ପାଖିକେ ଯୋଜ୍ନାର୍ ସାହାଜ୍ ପୁହୁଁଚାବାର୍ ଲାଗି ସର୍କାର୍ ପ୍ରତିଶ୍ରୁତିବଦ୍ଧ ଆନ୍ ବଲି କହିଛନ୍ ।

ଉପମୁଖ୍ୟମନ୍ତ୍ରୀ-ସମୀକ୍ଷା      I&PR

ଉପମୁଖ୍ୟମନ୍ତ୍ରୀ ଆଉ ଶକ୍ତିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଗଲାକାଏଲ୍ ପ୍ରଧାନ୍ମନ୍ତ୍ରୀ ସୂର୍ଯ୍ୟଘର, ପ୍ରଧାନ୍ମନ୍ତ୍ରୀ କୁସୁମ ଯୋଜ୍ନା ସହେତେ ଭିନ୍ ଭିନ୍ କେନ୍ଦ୍ରୀୟ ଯୋଜ୍ନା ମାନ୍କର୍ ଅଗ୍ରଗତିର୍ ସମୀକ୍ଷା କରିଛନ୍ । ଇ ଦୁହି ଯୋଜ୍ନା ଓଡ଼ିଶାର୍ ସ୍ୱଚ୍ଛ ଶକ୍ତି ପରିବର୍ତନ୍ ଦିଗେ ଅଗ୍ରଣୀ ଭୂମିକା ନଉଛେ ବଲି ଶ୍ରୀ ସିଂହଦେଓ କହିଛନ୍ । ସେ କହିଛନ୍, ପ୍ରଧାନ୍ମନ୍ତ୍ରୀ ସୂର୍ଯ୍ୟଘର ଯୋଜ୍ନାଥି ଲାଖେ ୨୮ ହଜାର୍ ନୁ ଅଏତ୍କା ଲୋକ୍ ଆବେଦନ୍ କରିଛନ୍ । ସେ ଭିତ୍ରୁ ଲାଖେ ୨୭ ହଜାର୍ ୮ ଶହ ୨୦ ଟା

ଆବେଦନ୍ ଅନୁମୋଦନ୍ କରାଯାଇଛେ । ଏବ୍‌ତକ୍ ରାଏଜେ ୩୩ ଦଶ୍‌ମିକ୍ ୬ ମେଗାୱାଟ୍ ଶକ୍ତି କ୍ଷମତା ସ୍ଥାପନ୍ ହେଇଛେ । ସେନ୍ତା ପ୍ରଧାନ୍‌ମନ୍ତ୍ରୀ କୁସୁମ୍ ଯୋଜ୍‌ନାଥି ୫୦ ମେଗାୱାଟ୍ କ୍ଷମତାକେ ଓଡ଼ିଶା ବିଦ୍ୟୁତ୍ ନିୟାମକ ଅନୁମୋଦନ୍ କରିଛେ । ବିଭାଗ୍‌କେ ଆସୁଥିବା ଭିନ୍ ଭିନ୍ ଅଭିଯୋଗ୍ ମାନ୍‌କର୍ ତୁର୍‌ତି ସମାଧାନ୍ ଉପ୍‌ରେ ଇ ଅବ୍‌ସରେ ଉପମୁଖ୍ୟମନ୍ତ୍ରୀ ଜୋର୍ ଦେଇଛନ୍ ।

ବୁଢ଼ାରଜା ସ୍କୁଲ୍ ଛାତ୍ରମୃତ୍ୟୁ ଘଟ୍‌ନା ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲ୍‌ପୁର୍ ରୋଡ୍ ଷ୍ଟେସନ୍ ପାଖେ ଥିବା ବୁଢ଼ାରଜା ସର୍‌କାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ ପରିସର୍ ନ ଘଟିଥିବା ଛାତ୍ର ମୃତ୍ୟୁ ଘଟ୍‌ନାଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଗଭୀର ଶୋକ ପ୍ରକାଶ୍ କରିଛନ୍ । ମୁଖ୍ୟମନ୍ତ୍ରୀ ମୃତ ଛାତ୍ରଙ୍କର୍ ପରିବାର୍ ଲୁକ୍‌କୁ ସମବେଦନା ଜନାବାର୍ ସହେତେ ରିଲିଫ୍ ପାଣ୍ଠିନୁ ୪ ଲାଖ୍ ଟଙ୍କା ସାହାଜ୍ ଘୋଷ୍‌ନା କରିଛନ୍ । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଭିଲ୍ ଘଟ୍‌ନାଥି ଶୋକ ପ୍ରକାଶ୍ କରିଛନ୍ ।

ବରିଷ୍ଠ ରେଲ୍ ଅଧିକାରୀମାନେ ଘଟ୍‌ନାଜାଗାଥି ତଦନ୍ତ ମୁଲ୍ କରିଥିଲା ବେଲେ ଇଥିର୍‌ଲାଗି ଗୁଟେ ଉଚ୍ଚସ୍ତରୀୟ ଦଲ୍ ଗଠନ୍ କରାଯାଇଛେ ।

ଘଟ୍‌ନା ଉତ୍‌ରୁ ପୂର୍ବତଟ ରେଲ୍‌ବାଇ ତର୍‌ଫୁ ପ୍ରତିଷେଧକ ସୁରକ୍ଷା ଯାଂଚ୍ ଲାଗି ନିର୍ଦ୍ଦେଶ୍ ଦିଆଯାଇଛେ ।

ସଡ଼କ ଦୁର୍ଘଟଣା-କେସ୍‌ଲେସ୍ ଚିକିତ୍ସା     ଆର୍‌ଏନ୍‌ୟୁ/ ସମ୍ବଲପୁର

ସଡ଼କ ଦୁର୍ଘଟଣାର୍ ଆହତ୍‌ମାନ୍‌କୁ ରାଜ୍ୟର୍ କେତେଟା ଡାକ୍ତର୍‌ଖାନା ନ ପ୍ରାଥମିକ ଚିକିତ୍ସା ଲାଗି ଦେଢ଼୍ ଲାଖ୍ ଟଙ୍କାର୍ କେସ୍‌ଲେସ୍ ସୁବିଧା ଯୁଗେଇ ଦେବାର୍‌କେ କେନ୍ଦ୍ର ସର୍‌କାର୍ ନିଷ୍ପତି ନେଇଛନ୍ । ଇଥିର୍‌ଲାଗି ଆହତ୍‌ମାନ୍‌କର୍ ବାବ୍‌ଦେ ଥାନାମାନ୍‌କେ ଟିକ୍‌ନିକ୍ ତଥ୍ୟ ରଖାଯିବା । ଥାନା ତର୍‌ଫୁ ଆହତ୍ ବ୍ୟକ୍ତିଙ୍କର୍ ନାଁଥି ଗୁଟେ ଇନ୍‌ଫର୍‌ମେସନ୍ ଡିଟେଲ୍ ଆଇଡି ଖୁଲାଯିବା । ଇ କାମ୍ ଲାଗି ଫି’ ଥାନା ନ ଝନେ ଲେଖା ହୋମ୍‌ଗାର୍ଡ଼୍‌ଙ୍କୁ ଖାସ୍ ନିଯୁକ୍ତି ଦିଆଯିବା । ଇ ବାବ୍‌ଦେ ପରିବହନ୍ ବିଭାଗ୍ ତର୍‌ଫୁ ଗୃହ ବିଭାଗ୍‌କେ ଚିଠି ଲେଖାଯାଇଛେ । ଇଥି ହେବାର୍‌କେ ଥିବା ଖର୍ଚ୍ଚା ସଡ଼କ ସୁରକ୍ଷା ପାଣ୍ଠିନୁ ଗୃହ ବିଭାଗ୍‌କେ ଯୁଗେଇ ଦିଆଯିବା ବଲି ପରିବହନ୍ ବିଭାଗ୍ ତର୍‌ଫୁ କୁହାଯାଇଛେ ।

ବିଶ୍ୱ ଯୁବ ଦିବସ୍          ଆର୍‌ଏନ୍‌ୟୁ ସମ୍ବଲପୁର୍

ଆଏଜ୍ ସାରା ପୁର୍‌ଥି ନ ଆନ୍ତର୍ଜାତୀୟ ଯୁବ ଦିବସ୍ ପାଲନ୍ କରାଯାଉଛେ । ମିଲିତ୍ ଜାତିସଂଘର୍ ବିଶ୍ୱ ଯୁବ ଫୋରମ୍‌ର ଗୁଟେ

ବୈଠକ୍‌ର ପ୍ରସ୍ତାବ୍ ଅନ୍‌ସାରେ ୧୯୯୧ ମସିହାନୁ ଆନ୍ତର୍ଜାତୀୟ ଯୁବ ଦିବସ୍ ପାଲନ୍ କରାଯାଉଛେ । ସର୍‌କାର୍ ଆର୍ ଆନ୍ତର୍ଜାତୀୟ ସଂଗଠନ୍‌ମାନ୍‌କେ ଯୁଆନ୍ ପିଢ଼ିକେ ସାମିଲ୍ କର୍‌ବାର୍ ଉପ୍‌ରେ ଜୋର୍ ଦେବାର୍ ଲାଗି ଇ ଦିବସ୍ ପାଲନ୍ କରାଯାଇଆସୁଛେ ।

ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ସୁସ୍ଥ ଜୀବନ୍‌ଯାପନ୍ ଲାଗି ସଚେତନ୍ ହେବାର୍‌କେ ନିବେଦନ୍ କରିଛନ୍ । ଏଚ୍‌ଆଇଭି ସହେତେ ଅଲ୍‌ଗା ସଂକ୍ରମଣ୍ ଉପ୍‌ରେ ସଚେତନତା ଆଉ ନିୟନ୍ତ୍ରଣ୍ ଲାଗି କେନ୍ଦ୍ର ସର୍‌କାର୍‌ଙ୍କର୍ ସଚେତନତା ଅଭିଯାନ୍‌ଥି ଓଡ଼ିଶା ସାମିଲ୍ ହେଇଛେ । ଇଥିର୍‌ଲାଗି ରାଏଜେ ମୁଲ୍ ହେଇଥିବା ସଚେତନତା ଅଭିଯାନ୍‌ର ୨ ନମ୍ବର୍ ବଛର୍ ଆଏଜ୍‌ଠାନୁ ଅକ୍ଟୋବର୍ ୧୧ ତାରିଖ୍‌ତକ୍ ଚାଲ୍‌ବା ।

ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରୀ ଡାକ୍ତର୍ ମୁକେଶ୍ ମହାଲିଙ୍ଗ୍ ଯୁବ ଦିବସ୍ ଉଲ୍‌ଗୁନେ ରାଜ୍ୟ ଆଉ ଦେଶର୍ ଯୁଆନ୍ ବର୍ଗଙ୍କର୍ ସୁସ୍ଥ ସୁରକ୍ଷିତ ଆଉ ନିରାମୟ ଜୀବନ୍‌ଯାପନ୍ କାମନା କରିଛନ୍ ।

ବିଶ୍ୱ ହାତୀ ଦିବସ୍ ଆର୍‌ଏନ୍‌ୟୁ /ସମ୍ବଲପୁର

ଆଏଜ୍ ବିଶ୍ୱ ହାତୀ ଦିବସ୍ । ୨୦୧୧ ମସିହାନୁ ଆଝିର୍ ଦିନ୍‌କେ ହାତୀ ଦିବସ୍ ଭାବେ ପାଲନ୍ କରାଯାଉଛେ । ହାତୀମାନ୍‌କର୍ ସୁରକ୍ଷା,

ସଂରକ୍ଷଣ୍ ବାର୍ତା ନେଇକରି ଫି ବଛର୍ ହାତୀ ଦିବସ୍ ପାଲନ୍ କରାଯାଇଆସୁଛେ । ହାତୀମାନ୍‌କର୍ ଖାସ୍ ଯତନ୍ ଉପ୍‌ରେ ଇ ଅବ୍‌ସରେ ବନ୍ୟପ୍ରାଣୀ ବିଶେଷଜ୍ଞମାନେ ଜୋର୍ ଦେଇଛନ୍ ।

ସଂସ୍କୃତ୍ ସପ୍ତାହ ପାଲିତ                ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ସ୍ୱୟଂଶାସିତ ମହାବିଦ୍ୟାଲୟ ନ ସଂସ୍କୃତ୍ ସପ୍ତାହ ପାଲିତ୍ ହେଇଯାଇଛେ । ଅଧ୍ୟକ୍ଷ ପ୍ରଶାନ୍ତ କୁମାର୍ ପଣ୍ଡାଙ୍କର୍ ସଭାପତିତ୍ୱ ହେଇଥିବା କାର୍ଯ୍ୟକ୍ରମ୍‌ଥି ସଂସ୍କୃତ୍ ଭାଷାର୍ ଉତ୍ପତି, ସାହିତ୍ୟର୍ ବିକାଶ୍ ବାବ୍‌ଦେ ଆଲୋଚନା କରାଯାଇଥିଲା । କାର୍ଯ୍ୟକ୍ରମ୍‌ଥି ଛାତ୍ରଛାତ୍ରୀମାନ୍‌କର୍ ଭିତ୍‌ରେ ଭିନ୍ ଭିନ୍ ପ୍ରତିଯୋଗିତା କରାଯାଇକରି ପୁରସ୍କୃତ୍ କରାଯାଇଥିଲା ।

ପାଣିପାଗ       ଆର୍‌ଏନ୍‌ୟୁ/ ସମ୍ବଲପୁର

ଦକ୍ଷିଣ ପଶ୍ଚିମ ଆଉ ତାର୍ ପାଖର୍ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପ୍‌ସାଗର୍ ନ ଆଏବା କାଏଲ୍‌ତକ୍ ଗୁଟେ ଲଘୁଚାପ୍ କ୍ଷେତ୍ର ବନ୍‌ବାର୍ ସମ୍ଭାବନା ରହିଛେ । ଇତାର୍ ପ୍ରଭାବ୍‌ଥି ଆଏଜ୍‌ଠାନୁ ରାଏଜେ ବର୍ଷା ମୁଲ୍ ହେବା । କୋରାପୁଟ୍ ଆର୍ ମାଲ୍‌କାନ୍‌ଗିରି ସହେତେ ଦକ୍ଷିଣ୍ ଓଡ଼ିଶାର୍ ବଡ଼ଭାଗୀ

ଜାଗା ନ ଅତି ଜବର୍ ବର୍ଷା ହେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।